# Akashvani, Sambalpur

## SAMBALPURI NEWS EVENING BULLETIN

**15 October 2025- 7.02 pm- 7.12 pm.**

*********************************************

୧- ବିଜେପି ତର୍ଫୁ ୪ ଟା ରାଜ୍ୟର୍ ୫ ଟା ବିଧାନ୍‌ସଭା ଉପ ନିର୍ବାଚନ୍ ଲାଗି ପ୍ରାର୍ଥୀ ଘୋଷ୍‌ନା ।

- ନୂଆପଡ଼ା ଆସନ୍ ଲାଗି ପ୍ରାର୍ଥୀ ହେଲେ ଜୟ ଢୋଲ୍‌କିଆ ।

୨- ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ୮ ନମ୍ବର୍ ପୋଷଣ୍ ମାସ ହେଇଛେ ଉଦ୍‌ଯାପିତ୍ ।

୩- ସାରା ଦେଶେ ଆଏଜ୍ ପାଲନ୍ ହେଉଛେ ଆଘର୍ ରାଷ୍ଟ୍ରପତି, ମହାନ୍ ବୈଜ୍ଞାନିକ୍, ଭାରତ୍ ରତ୍ନ ଡକ୍ଟର୍ ଏ.ପି.ଜେ. ଅବ୍‌ଦୁଲ୍ କଲାମ୍‌ଙ୍କର୍ ଜୟନ୍ତୀ ।

ଆଉର୍

୪- ଉତମ୍ ସ୍ୱାସ୍ଥ୍ୟ ଲାଗି ସଫା ହାତ୍‌ର ଗୁରୁତ୍ୱ ବାବ୍‌ଦେ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ହାତଧୁଆ ଦିବସ୍ ।

ବିଜେପି ପ୍ରାର୍ଥୀ ତାଲିକା ଘୋଷ୍‌ନା   ନୂଆପଡ଼ା ସମ୍ବାଦଦାତା

ଭାରତୀୟ ଜନତା ପାର୍ଟି ତର୍‌ଫୁ ଆଏଜ୍ ୪ ଟା ରାଜ୍ୟର୍ ୫ ଟା ବିଧାନ୍‌ସଭା ଉପନିର୍ବାଚନ୍ ଆସନ୍ ଲାଗି ପ୍ରାର୍ଥୀ ତାଲିକା ଘୋଷ୍‌ନା କରାଯାଇଛେ । ଓଡ଼ିଶାର୍ ନୂଆପଡ଼ା ଉପ ନିର୍ବାଚନ୍ ଲାଗି ସ୍ୱର୍ଗତ ରାଜେନ୍ଦ୍ର ଢୋଲ୍‌କିଆଙ୍କର୍ ପୁଓ ଜୟ ଢୋଲ୍‌କିଆଙ୍କୁ ଦଲ୍ ତର୍‌ଫୁ ପ୍ରାର୍ଥୀ ଭାବେ ଘୋଷ୍‌ନା କରାଯାଇଛେ । ଗଲା ୧୧ ତାରିଖ୍ ଶନିବାର୍ ଦିନ ଜୟ ଢୋଲ୍‌କିଆ ବିଧିବଦ୍ଧ ଭାବେ ଦଲ୍‌ଥି ସାମିଲ୍ ହେଇଥିଲେ । ଆଏବା କାଏଲ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଉପସ୍ଥିତିଥି ଶ୍ରୀ ଢୋଲ୍‌କିଆ ନାମାଙ୍କନ୍ ପତ୍ର ଦାଖଲ୍ କର୍‌ବେ ବଲି ରାଜ୍ୟ ସଭା ସାଂସଦ୍ ସୁଜିତ୍ କୁମାର୍ କହିଛନ୍ । ସେଆଡ଼େ ନୂଆପଡ଼ା ଉପ ନିର୍ବାଚନ୍ ଲାଗି କଂଗ୍ରେସ୍ ପ୍ରାର୍ଥୀ ଘାସିରାମ୍ ମାଝୀ ଆଉ ପିସିସି ରାଜ୍ୟ ସଭାପତି ଭକ୍ତ ଚରଣ୍ ଦାସ ଆଏଜ୍ ରିଟର୍ଣ୍ଣିଂ ଅଧିକାରୀଙ୍କୁ ଭେଟିକରି ନାମାଙ୍କନ୍ ପତ୍ର ଦାଖଲ୍ ବାବଦ୍ ଅସୁବିଧା ବିଷେଥି ଆଲୋଚନା କରିଛନ୍ ବଲି ଆମର୍ ସମ୍ବାଦଦାତା ଜନେଇଛନ୍ ।

ନୂଆପଡ଼ା ବିଧାନ୍‌ସଭା ଉପ ନିର୍ବାଚନ         I&PR

ଆଏବା ନଭେମ୍ବର୍ ୧୧ ତାରିଖ୍ ହେବାର୍‌କେ ଥିବା ନୂଆପଡ଼ା ବିଧାନ୍‌ସଭା ଉପ ନିର୍ବାଚନ୍ ଲାଗି ଆଏଜ୍ ଉପର୍‌ବେଲାତକ୍ କେନ୍‌ସି ଭିଲ୍ ପ୍ରାର୍ଥୀ ନାମାଙ୍କନ୍ ପତ୍ର ଦାଖଲ୍ ନାଇଁ କରି । ଭାରତ୍ ନିର୍ବାଚନ୍ ଆୟୋଗଙ୍କର୍ ବିଜ୍ଞପ୍ତି ଅନ୍‌ସାରେ ନାମାଙ୍କନ୍‌ର ଶେଷ୍ ତାରିଖ୍ ଅକ୍ଟୋବର୍ ୨୦ ତାରିଖ୍ ସୋମ୍‌ବାର୍‌କେ ଧାରିଜ୍ କରାଯାଇଛେ । ସେନ୍ତା ଅକ୍ଟୋବର୍ ୨୨ ତାରିଖ୍ ନାମାଙ୍କନ୍ ପତ୍ର ଯାଂଚ୍ ହେବାର୍‌କେ ଥିବାର୍ ବେଲେ ଅକ୍ଟୋବର୍ ୨୪ ତାରିଖ୍ ନାମାଙ୍କନ୍ ପତ୍ର ପ୍ରତ୍ୟାହାର୍‌ର ଶେଷ୍ ତାରିଖ୍ ଧାରିଜ୍ କରାଯାଇଛେ । ନଭେମ୍ବର୍ ୧୬ ରଏବାର୍ ଦିନ୍ ତକ୍ ନିର୍ବାଚନ୍‌ର ସବୁ ପ୍ରକ୍ରିୟା ଶେଷ୍ ହେବା ।

ରାସନ୍ କାର୍ଡ଼ ହିତାଧିକାରୀ-ଚାଉଲ୍ ହି.ସ.

ରାଜ୍ୟ ସର୍‌କାର୍ ରାସନ୍ କାର୍ଡ଼ ହିତାଧିକାରୀମାନ୍‌କୁ ମିଲୁଥିବା ଚାଉଲ୍‌ର ପରିମାଣ୍‌କେ ବଢ଼ାବାର୍ ଲାଗି ଚିନ୍ତା କରୁଛନ୍ ବଲି ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଆଘୋନୁ ହିତାଧିକାରୀମାନେ ଝନ୍‌ପିଛା ୫ କିଲୋ ଲେଖା ଚାଉଲ୍ ପାଉଥିଲେ । ଇଟା ପର୍ଯ୍ୟାପ୍ତ ନାଇଁ ହେବାର୍‌ନୁ ରାସନ୍‌କାର୍ଡ଼ ଧାରୀମାନ୍‌କୁ ୧୦ କେଜି ଲେଖା ଚାଉଲ୍ ଦିଆଯିବାର୍‌କେ ସର୍‌କାର୍ ଯୋଜ୍‌ନା କରୁଛନ୍ ବଲି ମନ୍ତ୍ରୀ କହିଛନ୍ । ରାଏଜେ ପାଖାପାଖି ୩ କୋଟି ୨୫ ଲାଖ୍ ରାସନ୍‌କାର୍ଡ଼

ହିତାଧିକାରୀ ରହିଛନ୍ । ସେମାନ୍‌କୁ ୧୦ କେଜି ଲେଖା ଚାଉଲ୍ ଦିଆଯିବାର୍ ବାବ୍‌ଦେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଖୋବ୍ ଜଲ୍‌ଦି ନିଷ୍ପତି ନେବେ ।

ସହରାଂଚଲ୍ ସମ୍ମିଳନୀ-୨୦୨୫ I&PR

ରାଜ୍ୟ ସର୍‌କାର୍‌ଙ୍କର୍ ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ତର୍‌ଫୁ ଅକ୍ଟୋବର୍ ୨୩ ଆଉ ୨୪ ତାରିଖ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ପରିସର୍ ନ ୨ ଦିନିଆ ଓଡ଼ିଶା ସହରାଂଚଲ୍ ସମ୍ମିଲନୀ-୨୦୨୫ ଆୟୋଜନ୍ କରାଯିବା । 'ନିରନ୍ତର୍ ସହରାଂଚଲ୍ ବିକାଶ୍ ଆଉ ବିକଶିତ୍ ଓଡ଼ିଶା - ୨୦୩୬ ଆର୍ ବିକଶିତ୍ ଭାରତ୍-୨୦୪୭ ଦିଗେ' ଉପ୍‌ରେ ଇ ସମ୍ମିଲନୀ କରାଯିବା । କାର୍ଯ୍ୟକ୍ରମ୍‌ଥି ରାଜ୍ୟର୍ ସବୁ ସହରାଂଚଲ୍, ସ୍ଥାନୀୟ ସଂସ୍ଥା, ୟୁଏଲ୍‌ବି ମାନ୍‌କୁ ଏକ୍‌ଠାନିଆ କରିକରି ସହରାଂଚଲ୍ ଶାସନ୍, ସେବା ପ୍ରଦାନ୍ ଆଉ ନିରନ୍ତର୍ ଅଭିବୃଦ୍ଧିର୍ ମୁଖିଆ ଦିଗ୍ ମାନ୍‌କର୍ ବାବ୍‌ଦେ ଆଲୋଚନା କରାଯିବା । ସମ୍ମିଲନୀକେ ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ରାଜ୍ୟସ୍ତରୀୟ ପୋଷଣ୍ ମାସ୍ I&PR

ମହିଳା ଆଉ ଶିଶୁବିକାଶ୍ ବିଭାଗ୍ ତର୍ଫୁ ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ସମ୍ମିଳନୀ କକ୍ଷ ନ ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ୮ ନମ୍ବର୍ ପୋଷଣ୍ ମାସ୍ ପାଲନ୍ ସମାରୋହ ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ମହିଳା ଆଉ ଶିଶୁବିକାଶ୍ ପ୍ରମୁଖ ଶାସନ୍ ସଚିବ ସୁଭା ଶର୍ମା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ନେତୃତ୍ୱଥି ପୋଷଣ୍ ମାସଥି ଜନସଚେତନତା ଗୁଟେ ଜନଆନ୍ଦୋଳନ୍ ହେଇପାରିଛେ ବଲି କହିଛନ୍ । ସନ୍ତୁଳିତ ଆହାର ଆଉ  ଉନ୍ନତ୍ ଜୀବନ୍ଶୈଲୀ ସୁସ୍ଥ ଶରୀର୍ ୨ ଟା ଜରୁରୀ ଅଂଶ । ମହିଳା ଆଉ ଶିଶୁମାନ୍କୁ ସଠିକ୍ ପୋଷଣ୍ ବିକଶିତ୍ ଭବିଷ୍ୟତ୍ର ମୂଳଦୂଆ ବଲି ଆଏଜ୍ କାର୍ଯ୍ୟକ୍ରମ୍ର ଉଦ୍ଯାପନୀ ଉତ୍ସବ୍ଥି ଅତିଥି ମାନେ କହିଥିଲେ । ଇ ଅବ୍ସରେ ସାରା ରାଏଜେ ୫୪ ଲାଖ୍ ନୁ ଅଏତ୍କା ବିଷେ ଭିତିକ୍ ସଚେତନତା କାର୍ଯ୍ୟକ୍ରମ୍ ମାନ୍ କରାଯାଇଛେ ।

ପୋଷଣ ମାସ-ଜିଲ୍ଲା ବର୍ଗଡ଼୍/ବୌଦ୍ଧ/ ଦେବ୍ଗଡ଼୍ ସମ୍ବାଦଦାତା

ବର୍ଗଡ଼୍ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କର୍ କାର୍ଯ୍ୟାଳୟ ନ ଜିଲ୍ଲାସ୍ତରୀୟ ୮ ନମ୍ବର୍ ପୋଷଣ୍ ମାସ ୨୦୨୫ର ଶୁଭାରମ୍ଭ ହେଇଯାଇଛେ । ଜିଲ୍ଲା ସମାଜ୍ ମଙ୍ଗଳ ଅଧିକାରୀ ସନ୍ଧ୍ୟାରାଣୀ

ନେପାକଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ସମାରୋହଥି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କର୍ ସହେତେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଅତିରିକ୍ତ କୃଷି ଉଦ୍ୟାନ୍ ଅଧିକାରୀ ପ୍ରମୁଖ ଯୋଗ୍ ଦେଇକରି ଜିଲ୍ଲାସ୍ତରୀୟ ପୋଷଣ୍ ମାସ ଉପ୍‌ରେ ଆଲୋଚନା କରିଥିଲେ ।

ଦେବ୍‌ଗଡ଼୍ ଠାନେ ଜିଲ୍ଲା ସମାଜ୍ ମଙ୍ଗଲ୍ ବିଭାଗ୍ ତର୍‌ଫୁ ଜିଲ୍ଲା ପରିଷଦ୍ ସମ୍ମିଳନୀ କକ୍ଷ ନ ସେପ୍ଟେମ୍ବର୍ ୧୭ ନୁ ଅକ୍ଟୋବର୍ ୧୬ ତାରିଖ୍‌ତକ୍ ପୋଷଣ ମାସ ପାଳନ୍ କରାଯାଉଛେ । ଜିଲ୍ଲା ସମାଜ୍ ମଙ୍ଗଳ ଅଧିକାରୀ ସୁରତୀ ପ୍ରଧାନ୍‌ଙ୍କର୍ ଦେଖ୍‌ରେଖ୍‌ଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ ଜିଲ୍ଲାପାଳ୍ ରେବେକା ବିଲୁଙ୍ଗ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।

ବୌଦ୍ଧ ସଦ୍‌ଭାବନା ସମ୍ମିଳନୀ କକ୍ଷ ନ ୮ ନମ୍ବର୍ ରାଷ୍ଟ୍ରୀୟ ପୋଷଣ୍ ମାସ୍ ପାଳିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଳ୍ ବିଭୂତି ଭୂଷଣ୍ ନାଏକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମିଲେଟ୍‌ସ୍, ଉତମ୍ ଖାଦ୍ୟ, ସୁସ୍ଥ ଜୀବନ୍ ବାବ୍‌ଦେ ସଚେତନ୍ କରିଥିଲେ ।

ପିଆଇବି କର୍ମଶାଳା      ପି.ଆଇ.ବି.

ସର୍‌କାରୀ ଯୋଜ୍‌ନା ଆଉ କାର୍ଯ୍ୟକ୍ରମ୍ ବାବ୍‌ଦେ ତୃଣ୍‌ମୂଳ୍ ସ୍ତର୍ ନୁ ସଚେତନ କର୍‌ବାର୍ ଲକ୍ଷ୍ୟଥି ଆଏଜ୍ ପୁରୀ ଜିଲ୍ଲାର୍ କୋଣାର୍କ ଠାନେ ଆଂଚଲିକ୍ ଗଣମାଧ୍ୟମ୍ କର୍ମଶାଳା

'ବାର୍ତାଲାପ' ହେଇଯାଇଛେ । କେନ୍ଦ୍ର ସର୍‌କାର୍‌ଙ୍କର୍ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଲୟ ଅଧୀନ୍ ପତ୍ର ସୂଚ୍‌ନା କାର୍ଯ୍ୟାଲୟ ପି.ଆଇ.ବି. ଭୁବ୍‌ନେଶ୍ୱର୍ ତର୍‌ଫୁ ହେଇଥିବା କାର୍ଯ୍ୟକ୍ରମ୍‌ଥି ସର୍‌କାରୀ ଯୋଜ୍‌ନା ଆଉ କାର୍ଯ୍ୟକ୍ରମ୍ ବାବ୍‌ଦେ ସଚେତନ୍ କରାଯିବାର୍ ସହେତେ ସେସବୁର୍ ପ୍ରଭାବୀ କାର୍ଯ୍ୟକାରିତା ବାବ୍‌ଦେ ଆଲୋଚନା କରାଯାଇଛେ ।

ଡକ୍ଟର୍ ଅବ୍‌ଦୁଲ୍ କଲାମ୍ ଜୟନ୍ତୀ ହି.ସ.

ଭାରତ୍‌ର ଆଘର୍ ରାଷ୍ଟ୍ରପତି ମହାନ୍ ବୈଜ୍ଞାନିକ୍ ଆଉ ଭାରତ୍ ରତ୍ନ ଡକ୍ଟର୍ ଏ.ପି.ଜେ. ଅବ୍‌ଦୁଲ୍ କଲାମ୍‌ଙ୍କର୍ ଜୟନ୍ତୀ ଆଏଜ୍ ସାରା ଦେଶେ ପାଲନ୍ କରାଯାଉଛେ । ଝନେ ଦୂରଦୃଷ୍ଟି ଆଉ ରାଜନେତା ହିସାବେ ଜାତିର୍ ଉନ୍ନତିର୍ ଲାଗି ତାକର୍ ଉତ୍ସର୍ଗୀକୃତ ଜୀବନ୍ ସମ୍‌କୁ ଗୁଟେ ଶିକ୍ଷିତ୍ ସଶକ୍ତ, ସକ୍ଷମ୍ ଆଉ ଗୌରବ୍‌ଶାଲୀ ଭାରତ୍ ଗଢ଼୍‌ବାର୍ ଲାଗି ପ୍ରେରଣା ଦେଇ ଆସୁଛେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନ୍ ନ ଡକ୍ଟର୍ କଲାମ୍‌ଙ୍କର୍ ଫଟୋ ଚିତ୍ରଥି ମାଲ୍ୟାର୍ପଣ୍ କରିଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଡକ୍ଟର୍ କଲାମ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇକରି କହିଛନ୍, ଝନେ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିତ୍ୱ ଭାବେ ସେ ସବୁବେଲେ ଯୁଆନ୍ ପିଢ଼ିକେ ଉଜାଗର୍ କର୍‌ବାର୍ ସହେତେ ବଡ଼ ସପନ୍ ଦେଖ୍‌ବାର୍ ଲାଗି

ପ୍ରେରଣା ଦଉଥିଲେ । ତାକର୍ ସପନ୍‌ର ସଶକ୍ତ ସ୍ୱାବଲମ୍ବୀ ଆଉ ସହାନୁଭୂତି ଭାରତ୍ ଗଠନ୍ କର୍‌ବାର୍ ଲାଗି ସମ୍‌କୁ ଚେରେଷ୍ଟା କର୍‌ବାର୍‌କେ ଶ୍ରୀ ମୋଦୀ ପରାମର୍ଶ ଦେଇଛନ୍ । ଡକ୍ଟର୍ କଲାମ୍‌ଙ୍କର୍ ଜୟନ୍ତୀ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ୍ କରିକରି କହିଛନ୍, ମିଜାଇଲ୍ ମେନ୍ ଭାବେ ପରିଚିତ ଡକ୍ଟର୍ କଲାମ୍‌ଙ୍କର୍ ସରଲ୍ ଜୀବନ୍ ଶୈଲୀ, ଉଦାର୍ ଚିନ୍ତାଧାରା ଆଉ କଠିନ୍ ପରିଶ୍ରମ୍ ଆଏବା ପିଢ଼ିକେ ଅନୁପ୍ରାଣିତ୍ କର୍‌ବା । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଡକ୍ଟର୍ ଅବ୍‌ଦୁଲ୍ କଲାମ୍‌ଙ୍କୁ ସୁର୍‌ତା କରିକରି କହିଛନ୍, ଝନେ ବିଶିଷ୍ଟ ଶିକ୍ଷକ୍, ଅସାଧାରଣ୍ ବୈଜ୍ଞାନିକ୍ ଆଉ ଦୂରଦୃଷ୍ଟି ସମ୍ପନ୍ନ ରାଜନେତା ଭାବେ ଜୀବନ୍ ଆଦର୍ଶ ଆଉ କାର୍ଯ୍ୟସାଧନା ଯୁଆନ୍ ପିଢ଼ିକେ ପ୍ରେରଣା ଦଉଛେ ।

ବିଶ୍ୱ ହାତଧୁଆ ଦିବସ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ଭଲ୍ ସ୍ୱାସ୍ଥ୍ୟର୍ ଲାଗି ହାତଧୁଆର୍ ଗୁରୁତ୍ୱ ବାବ୍‌ଦେ ସଚେତନ୍ କର୍‌ବାର୍ ଉଦ୍ଦେଶ୍ୟଥି ଆଏଜ୍ ବିଶ୍ୱ ହାତଧୁଆ ଦିବସ୍ ପାଲନ୍ କରାଯାଉଛେ । ଲୋକ୍‌ମାନ୍‌କର୍ ଭିତ୍‌ରେ ହାତ୍ ଧୁଇବାର୍ ଅଭ୍ୟାସ୍‌କେ ବଢ଼ାବାର୍ ଲାଗି ଇ ଦିବସ୍ ତହଁକାସି । ୨୦୦୮

ମସିହାଥି ବିଶ୍ୱ ହାତଧୁଆ ପାର୍ଟନରସିପ୍ ତର୍ଫୁ ପହେଲା କରି ଇ ଦିବସ୍ ପାଲନ୍ କରାଯାଇଥିଲା ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଝିର୍ ଦିନେ ନିୟମିତ ହାତ୍ ଧୁଇବାର୍ ଅଭ୍ୟାସ୍‌କେ ଜୀବନ୍‌ଶୈଲୀର୍ ଗୁଟେ ଅଂଶ କର୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ । କୋଭିଡ୍ ସଂକଟ୍, ଡାଇରିଆ ଆଉ ନିମୋନିଆ ବାଗିର୍ ରୋଗ୍‌ନୁ ସୁରକ୍ଷିତ୍ ରହେବାର୍ ଲାଗି ହାତ୍ ଧୁଇବାର୍‌ଟା ସବୁନୁ ସହଜ୍ ଆଉ ପ୍ରଭାବ୍‌ଶାଲୀ ମାଧ୍ୟମ୍ ଆଏ । ଖାଏବାର୍ ଆଘୋନୁ ଆର୍ ଉତ୍‌ରୁ କମ୍‌ସେକମ୍ ୨୦ ସେକେଣ୍ଡ୍ ଲାଗି ହାତ୍ ଧୁଉନ୍ । ସ୍ୱଚ୍ଛତାକେ ତହଁକେଇକରି ଗୁଟେ ସୁସ୍ଥ ଆଉ ନିରୋଗ୍ ଓଡ଼ିଶା ଗଠନ୍ ଦିଗେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମ୍‌କର୍ ସହଯୋଗ୍ କାମ୍‌ନା କରିଛନ୍ ।

ଉଚ୍ଚ ଶିକ୍ଷା ବିଭାଗ-ସ୍ୱଟ୍ ନାଁ ଲେଖା I&PR

ରାଜ୍ୟର୍ ଉଚ୍ଚଶିକ୍ଷାନୁଷ୍ଠାନ୍‌ମାନ୍‌କେ ଖାଲିପଡ଼ିଥିବା ସିଟ୍ ମାନ୍‌କୁ ଭର୍‌ବାର୍ ଲାଗି ଆଏଜ୍‌ଠାନୁ ସ୍ୱଟ୍ ନାଁଲେଖା ଲାଗି ଆବେଦନ୍ ପ୍ରକ୍ରିୟା ମୁଲ୍ ହେଇଛେ । ବିଭାଗ୍‌ର ବିଜ୍ଞପ୍ତି ଅନ୍‌ସାରେ, ଆଏଜ୍‌ଠାନୁ ସାମ୍‌ସ ପୋର୍ଟାଲ୍‌ଥି ଆବେଦନ୍ ଫର୍ମ ଭରିହେବା । ଅନ୍‌ଲାଇନ ଆବେଦନ ତାରିଖ୍ ୨୨ ଅକ୍ଟୋବର ଥିବାର୍ ବେଲେ ଆଏବା ୨୯ ତାରିଖ୍ ଦିନ

ମେଧା ତାଲିକା ବାହାର୍‌ବା ଆଉ ୩୦ ତାରିଖ୍ ଦିନ ଯୋଗ୍ୟ ଛାତ୍ରଛାତ୍ରୀମାନେ ନାଁ ଲେଖେଇପାର୍‌ବେ ।

ପାନୀୟ ଜଳ ପ୍ରକଳ୍ପର ସମୀକ୍ଷା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ, କନ୍ଧମାଲ୍ ଜିଲ୍ଲାର୍ ବହୁତ୍‌ଟେ ଇଲାକାକେ ମହାନଦୀନୁ ପିଇବାର୍ ପାଏନ୍ ଯୁଗେଇ ଦେବାର୍ ଲାଗି ହର୍‌ଭଙ୍ଗା ବ୍ଲକ୍ ପାଣିଘରା ଠାନେ ତିଆର୍ ହଉଥିବା ପାନୀୟ ଜଳ ପ୍ରକଳ୍ପର୍ ଅଗ୍ରଗତି ବାବ୍‌ଦେ ବୌଦ୍ଧ ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାଏକ୍ ଆଉ କନ୍ଧମାଲ୍ ଜିଲ୍ଲାପାଲ୍ ବେଦ୍ ଭୂଷଣ୍ ସମୀକ୍ଷା କରିଛନ୍ । ତିଆରି କାମ୍‌ର ସମୀକ୍ଷା କର୍‌ବାର୍ ଉତ୍‌ରୁ ଇତାକେ ଜଲ୍‌ଦି ସାର୍‌ବାର୍‌କେ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଦେବ୍‌ଗଡ଼୍ -କଳା ଉତ୍ସବ୍ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ସମଗ୍ର ଶିକ୍ଷା ତର୍‌ଫୁ ସ୍ଥାନୀୟ ବାଳକ ପ୍ରାଥମିକ ବିଦ୍ୟାଳୟ ପରିସର୍ ନ ଜିଲ୍ଲାସ୍ତରୀୟ କଳା ଉତ୍ସବ୍ ହେଇଯାଇଛେ । ଇ ଅବ୍‌ସରେ ୩ ଟା ବ୍ଲକ୍‌ନୁ ହେଇଥିବା ପ୍ରତିଯୋଗିତାଥି ବଛା ହେଇକରି ଆସିଥିବା ୬୦ ଝନ୍ ଛାତ୍ରଛାତ୍ରୀଙ୍କର୍ ଭିତ୍‌ରେ ଭିନ୍ ଭିନ୍ ପ୍ରତିଯୋଗିତା

କରାଯାଇକରି କୃତୀ ପ୍ରତିଯୋଗୀମାନ୍‌କୁ ପୁରସ୍କୃତ୍ କରାଯାଇଥିଲା ।

ଯୌତୁକ୍ ନିଷେଧ୍ ଆଇନ        ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ସମାଜ୍ ମଙ୍ଗଳ ବିଭାଗ୍ ତର୍‌ଫୁ ଆଏଜ୍ ଅତିରିକ୍ତ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଳନୀ କକ୍ଷ ନ ଜିଲ୍ଲାସ୍ତରୀୟ ଯୌତୁକ୍ ନିଷେଧ୍ ଆଇନ୍ ୧୯୬୧ ବାବ୍‌ଦେ ଗୁଟେ ଦିନ୍‌କିଆ ତାଲିମ୍ ଶିବିର୍ ହେଇଯାଇଛେ । ମହିଳାମାନ୍‌କୁ କେନ୍ତାକରି ଯୌତୁକ୍ ନିର୍ଯ୍ୟାତନା ନୁ ରକ୍ଷା କରାଯାଇପାର୍‌ବା ଆଉ ଇ ଦିଗେ ସର୍‌କାର୍‌ଙ୍କର୍ ଯୌତୁକ୍ ନିରୋଧ୍ ଆଇନ୍ ୧୯୬୧ ର ଭିନ୍ ଭିନ୍ ଆଇନ୍‌ଗତ ସାହାଜ୍ ବାବ୍‌ଦେ ଆଲୋଚନା କରାଯାଇଥିଲା ।

ପାଣିପାଗ        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜୁ ଆଏବା ୨୪ ଘଂଟା ଭିତ୍‌ରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଫିର୍‌ବାର୍ ଲାଗି ପାଗ୍ ଅନୁକୁଲ୍ ହେଇଛେ । ସେ ସମିଆ ଭିତ୍‌ରେ ଦକ୍ଷିଣ ପୂର୍ବାଂଚଲ୍‌ଥି ଉତର୍ ପୂର୍ବ ମୌସୁମୀ ବାୟୁର୍ ପ୍ରଭାବ୍‌ଥି ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।

ଆଏବା ୫ ଦିନ୍ ଭିତ୍ରେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ହାଲ୍କାନୁ ମଧ୍ୟମ୍ ଧରଣ୍ର ବର୍ଷା ଲାଗି ରହେବା । ରାୟଗଡ଼ା, ମାଲ୍କାନ୍ଗିରି ବାଗିର୍ ଜିଲ୍ଲାର୍ ଗୁଟେ ଦୁଇଟା ଜାଗା ନ ବିଜ୍ଲି ଘଡ଼୍ଘଡ଼ି ସାଙ୍ଗେ ବର୍ଷାକେ ନେଇକରି ପାଣିପାଗ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।